**ସଂକ୍ଷେପରେ**

## ଚିକିଟି ବଜାରରେ ମିଳୁଛି ନକଲି ଅଟା

ଚିକିଟି,୨୬ା୭ (ପ୍ରକାଶ ଚନ୍ଦ୍ର ସାହୁ): ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ପ୍ରତି ମାସରେ ରେସନକାର୍ଡଧାରୀ ମାନଙ୍କୁ ଗହମ ଯୋଗାଇବା କଥା। କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି ଚିକିଟି ବ୍ଲକରେ। ଏହାର ସୁଯୋଗ ନେଇ ଦୋକାନୀମାନେ ନକଲି ଅଟାକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ପ୍ରାୟ ୨ ବର୍ଷେ ହେଲା ଖାଉଟି କାର୍ଡରେ ଗହମ ଯୋଗାଇ ଦିଆଯାଉନାହିଁ। ବାଧ ହୋଇ ଲୋକେମାନେ ଅଟା କିଣୁଛନ୍ତି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଅଟା ପେକେଟରେ ବିଭିନ୍ନ ପ୍ରକାର ଅପମିଶ୍ରଣ ଖାଦ୍ୟ ଆସୁଛି। କିଛିଦିନ ତଳ ଚିକିଟି ପେଣ୍ଠର ସବିତା ପାଢ଼ୀ ଫ୍ଲିପକାର୍ଟରୁ ଅଟା ମଗେଇଥିଲେ। ସେଥିରୁ ଦୁଇ ଖଣ୍ଡ ହାଡ଼ ସହ ଏକ ଫୁଟର ଲମ୍ବାହାଡ଼ ବାହାରିଥିଲା। ଏଣୁ ଫ୍ଲିପ କାର୍ଟ ଭଳି ସଂସ୍ଥାରୁ ମଧ ଭରସା ତୁଟିଯାଇଛି। ଚିକିଟି ମାର୍କେଟରେ ଚିକିଟି ଅଟା ନାମରେ ୫କିଲୋର ପ୍ୟାକେଟ ୨୫୦ ଟଙ୍କାରେ ବିକ୍ରି ହେଉଛି। ସେଥିରେ ଫୁଡ ଲାଇସେନ୍ସ ନମ୍ବର, ପେକିଙ୍ଗ ଏବଂ ପ୍ରସ୍ତୁତି ତାରିଖ କିମ୍ବା ଏକ୍ସପାଇରୀ ତାରିଖ ଉଲ୍ଲେଖ ନାହିଁ। ତେଣୁ ଖାଦ୍ୟ ଓ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଗୋମାଂସ ବୋଝେଇ କଣ୍ଟେନର ଜବତ

ଛତ୍ରପୁର, ୨୬ା୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲା ଛତ୍ରପୁର ସ୍ଥିତ ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଶୁକ୍ରବାର ସକାଳେ ଏକ ଗୋମାଂସ ବୋଝେଇ ଟ୍ରକ ଜବତ ହୋଇଛି। ଏହା କଟକରୁ ହାଇଦ୍ରାବାଦକୁ ଯାଉଥିଲା ବୋଲି ଜଣାପଡିଛି। ଜବତ କ୍ୟାଣ୍ଟନର୍ ଚିଙ୍ଗୁଡ଼ି ଟ୍ରକ ବୋଝେଇ ନାମରେ ଜିଏସଟି ବିଲ ଦର୍ଶାଯାଇଛି। ଗଞ୍ଜାମ ପୋଲିସ ଜିଲ୍ଲା ମୁଖ୍ୟାଳୟ ଛତ୍ରପୁରଠାରେ ଜବତ ହେବା ଭଳି ଘଟଣା ୯ ଥର ବୋଲି ଅଭିଯୋଗକାରୀମାନେ କହିଛନ୍ତି । ପ୍ରାୟ ୧୨ ଟନର ଗୋମାଂସ ରଖାଯାଇଥିବା ପୋଲିସ ଅନୁମାନ କରିଛି । ଡ୍ରାଇଭରଙ୍କୁ ଛତ୍ରପୁର ଥାନାକୁ ନେବା ପରେ ପୋଲିସ ଅଟକ ରଖି ପଚରା ଉଚରା କରୁଛି ।

## ମା' ଓ ଶିଶୁର ଯତ୍ନ ନିଆଯିବା ସମ୍ପର୍କରେ କର୍ମଶାଳା

ଛତ୍ରପୁର, ୨୬ା୭ (ଦିଲ୍ଲୀପ ସାମଲ) : ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଣମଣା ପଞ୍ଚାୟତର ବାଟ ଛତ୍ରପୁର ଗ୍ରାମ ସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିସରରେ ଏକ କର୍ମଶାଳା ଛତ୍ରପୁର ରୋଟାରୀ କ୍ଲବର ସଭାପତି ଡ. ବିମଳ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ନିକୁଞ୍ଜ ବିହାରୀ ଦାଶ ଯୋଗଦେଇ ପ୍ରସୂତୀ ବେଳେ ମା' ଓ ଶିଶୁର କିପରି ଯତ୍ନ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଏହି କର୍ମଶାଳାରେ ବାଟ ଛତ୍ରପୁର ଗ୍ରାମର ବହୁ ମହିଳା ଯୋଗ ଦେଇଥିଲେ। ରୋଟାରୀ କ୍ଲବର ସମ୍ପାଦକ ଦ୍ୱାରକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ରୋଟାରିଆନ ପ୍ରଫୁଲ୍ଲ ପଟ୍ଟନାୟକ, ଏସ. ରେଖା ମହାନ୍ତି, ସ୍ୱାଗତିକା ସାମନ୍ତରାୟ, ସୁଜିତ ପଟ୍ଟନାୟକ, ଏନ. ନାଗେଶ୍ୱର ରାଓ, ଏସ. ରମଣୀ ଓ ନିରୋଦ ନାୟକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ମାଣିଝୁରିରେ ୧୫ ଫୁଟ ରାସ୍ତା ଧୋଇଗଲା

## କନ୍ଧମାଳରେ ବର୍ଷା ବିପ୍ଲାତ, ୧୦ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

ଫୁଲବାଣୀ, ୨୬ା୭(ରାକେଶ କୁମାର ରାଉତ): କନ୍ଧମାଳ ଜିଲାରେ ବିଗତ ୫ ଦିନ ହେବ ଲଗାଣ ବର୍ଷା ଜାରିରହିଛି। ଗୁରୁବାର ରାତିରୁ ପ୍ରବଳ ବର୍ଷା ଲାଗି ରହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ସେପଟେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ନଦୀ ନାଳର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ପାହାଡ଼ିଆ ନଦୀରେ ବର୍ଷା ପାଣି ଆସିବାରୁ ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ସଲାଗୁଡ଼ା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗୋଛାପଡ଼ା–ସଲାଗୁଡ଼ା ରାସ୍ତାର ମାଣିଝୁରି ଠାରେ ପାହାଡ଼ିଆ ନଦୀରେ ବର୍ଷା ପାଣି ଆସି ପ୍ରାୟ ୧୫ ଫୁଟ ରାସ୍ତା ଧୋଇଯାଇଛି। ଫଳରେ ସଲାଗୁଡ଼ା ପଞ୍ଚାୟତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସଲାଗୁଡ଼ା ପଞ୍ଚାୟତର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି । ଗ୍ରାମବାସୀ ଦୈନନ୍ଦିନ ଚଳଣି ପାଇଁ ନିର୍ଭର କରୁଥିବା ଗୋଛାପଡ଼ା ବଜାର ଏବଂ ମେଡିକାଲକୁ ଯିବା ଆସିବା ପାଇଁ ଚିନ୍ତାରେ ରହିଛନ୍ତି। ବର୍ତ୍ତମାନ ପ୍ରବଳ ପାଣି ରାସ୍ତା ଉପରେ ଥିବାରୁ ପ୍ରଶାସନ ସେଠାରେ ପହଞ୍ଚି ପାରିନାହିଁ। ପରିସ୍ଥିତି ଉପରେ ନଜର ରଖାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ପ୍ରବଳ ବର୍ଷା ଯୋଗୁ ଫୁଲବାଣୀ ଏବଂ ଆଖପାଖ ଅଞ୍ଚଳରେ ମଧ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳରେ ସନ୍ତସନ୍ତିଆ ପରିବେଶ ଯୋଗୁଁ ସାପ କାମୁଡା ଏବଂ ଡେଙ୍ଗୁ ଭୟ ଲୋକଙ୍କୁ ଘାରିଛି । ଏପରିକି ଘର ମଧ୍ୟକୁ ସାପ ପଶିଆସୁଛନ୍ତି। ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆଗକୁ ଯଦି ଏଭଳି ବର୍ଷା ଲାଗି ରହିବ ତାହାଲେ ସ୍ଥିତି ବେହାଲ ହେବ ବୋଲି ଆକଳନ କରାଯାଉଛି।



ଧୋଇ ଯାଇଥିବା ରାସ୍ତା।

# କୃଷି ରଥ ଉଦ୍‌ଘାଟନ କଲେ ବିଡିଓ



କୃଷି ରଥ ଉଦଘାଟନ କରୁଛନ୍ତି ବିଡ଼ିଓ।

ମୋହନା,୨୬ା୭(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ପଞ୍ଚାୟତ ସମିତି ପରିସରରେ କୃଷି ସଚେତନତା ରଥ ଶୁଭ ଉଦଘାଟନ କରିଛନ୍ତି ବିଡ଼ିଓ ରାଜୀବ ଦାସ। ଓଡ଼ିଶା ରାଜ୍ୟ କୃଷି ଓ କୃଷକର ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଏହି କୃଷି ରଥ ବାହାରିଥିବା ବେଳେ ଗୁରୁବାର ଠାରୁ ଆଗାମୀ ୪ଦିନ ଧରି ବ୍ଲକର ବିଭିନ୍ନ ଗାଁକୁ ରଥ ପରିକ୍ରମା କରି ମାଣ୍ଡିଆ ଚାଷ ବୃଦ୍ଧି ଓ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ପଞ୍ଜିକରଣ କରିବା ନିମନ୍ତେ ସଚେତନତା କରିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ମୋହନା ବ୍ଲକ କୃଷି ଅଧିକାରୀ ଭବେନ୍ଦ୍ର ମୁର୍ମୁ, ଜିଲା ଉଦ୍ୟାନ ବିଭାଗୀୟ ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ, ଓଡ଼ିଶା ଜିବିକା ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ତିମନ ବିର, ତପ୍ତପାଣି କୃଷକ ଉତ୍ପାଦିତ କମ୍ପାନୀର ସିଇଓ ପବନ କୁମାର ସାହୁ ଯୋଗଦେଇଥିବା ବେଳେ ଓଡ଼ିଶା ମିଲେଟ ମିଶନର ବ୍ଲକ ସଂଯୋଜକ ରାମକୃଷ୍ଣ ବିଷୋୟୀ ପରିଚାଳନା କରିଥିଲେ।

# କାର୍‌ଗିଲ ବିଜୟ ଦିବସ ପାଳିତ



ଭଞ୍ଜନଗର,୨୬ା୭(ବାବୁଲା ପ୍ରଧାନ): ନିକଟସ୍ଥ ତନରଡ଼ା ଅଷ୍ଟମ ଆଇଆରବି ବାଟାଲିୟନ ପରିସରରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ରୋଟାରୀ କ୍ଲବ ଏବଂ ବାଟାଲିୟନର ମିଳିତ ସହଯୋଗରେ ଆୟୋଜିତ ଉତ୍ସବରେ ରୋଟାରୀ କ୍ଲବ ସଭାପତି ବସନ୍ତ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ସହକାରୀ କମାଣ୍ଡେଣ୍ଟ ଲଳିତ କୁମାର ବାଗ ଅତିଥି ଭାବେ ଯୋଗଦେଇ କାର୍ଗିଲ ବିଜୟ ଦିବସ ସହ ଦେଶ ମାତୃକା ପାଇଁ ସୈନିକମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ରୋଟାରିଆନ ପବିତ୍ର ମୋହନ ପ୍ରଧାନ, ରାମଚନ୍ଦ୍ର ମିଶ୍ର, ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ନିଜର ମତ ରଖିଥିଲେ। ରୋଟାରିଆନ ସନ୍ତୋଷ ଜେନା ସଭା ସଂଯୋଜନା କରିଥିଲେ। ରୋଟାରିଆନ ଶ୍ରୀନିବାସ ସୁବୁଦ୍ଧି, ଗୁପ୍ତେଶ୍ୱର ସୁବୁଦ୍ଧି, ଭି ଦେବୀ ପ୍ରସାଦ ପାତ୍ର, ସୁଧୀର କୁମାର ପାଣିଗ୍ରାହୀ, ମଧୁସୂଦନ ମହାପାତ୍ର, ମହେନ୍ଦ୍ର ମହାରଣା, ସନ୍ତୋଷ ପାତ୍ର, ସୁଶାନ୍ତ ବେହେରା, ଦିଲୀପ ରାଜୁ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବସ୍ ଯୋଗାଇବାକୁ ଦାବି

ଚିକିଟି,୨୬ା୭(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ ଅନ୍ତର୍ଗତ ପିତାତଳିଠାରେ ସରକାରଙ୍କ ଉଦ୍ୟମରେ ୨୦୧୬ରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଛି । ଉକ୍ତ ବିଦ୍ୟାଳୟରେ ଷଷ୍ଠ କ୍ଲାସରୁ ଦ୍ୱାଦଶ ଶ୍ରେଣୀ ଯାଏ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଏହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସରକାର ପ୍ରତି ପ୍ରତିଷ୍ଠା କରିଛନ୍ତି। କିନ୍ତୁ ସ୍ଥାପିତ ହେବାର ପ୍ରାୟ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ଚିକିଟିଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନାହିଁ। ଫଳରେ ଚିକିଟି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରୁ ପ୍ରାୟ ୩୦ କିଲୋମିଟର ଦୂରରୁ ଆସୁଥିବା ଛାତ୍ରୀଛାତ୍ରମାନେ ଟେମ୍ପୋ, ଘରୋଇ ବସ ଓ ଗାଡି ଭଡା କରି ବିପଦସଂକୁଳ ଅବସ୍ଥାରେ ପ୍ରତ୍ୟେକ ଦିନ ପାଠ ପଢିବାକୁ ଯାଉଛନ୍ତି। ଅନେକ ଛାତ୍ରୀଛାତ୍ର ଗରିବ ଶ୍ରେଣୀର ହୋଇଥିବାରୁ ଗାଡି ଭଡା ବାବଦରେ ପ୍ରତ୍ୟେକ ଦିନ ୫୦ରୁ ଅଧିକ ଟଙ୍କା ଲେଖାଏ ଦେବାକୁ ପଡୁଛି। ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଦୀର୍ଘ ଦିନ ହେଲା ସରକାରୀ ବସ ଯୋଗାଇବା ପାଇଁ ଦାବି କରିଥିଲେ ମଧ ଆଜି ଯାଏ ତାହା ପୂରଣ ହୋଇପାରିନାହିଁ। ଯାହାଫଳରେ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାର୍ଥୀଙ୍କୁ ତୁରନ୍ତ ହଷ୍ଟେଲ ବ୍ୟବସ୍ଥା ଓ ସ୍କୁଲବସ ଯୋଗାଇବା ପାଇଁ ଅଭିଭାବକ ପକ୍ଷରୁ ଦାବି ହୋଇଛି।

## ବସ୍‌ରୁ ବ୍ୟବସାୟୀଙ୍କ ରୁପା ଭର୍ତ୍ତି ବ୍ୟାଗ ଚୋରି

ଖଲ୍ଲିକୋଟ,୨୬ା୭ (ପ୍ରଶାନ୍ତ କୁମାର ମିଶ୍ର): କୋଲକାତା ଅଭିମୁଖେ ଯାଉଥିବା ଏକ ବସ୍‌ରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟବସାୟୀଙ୍କ ପ୍ରାୟ ୫୦ କେଜି ପୁରୁଣା ରୁପା ଜିନିଷ ଓ ୪ ଲକ୍ଷ ୭୨ ହଜାର ଟଙ୍କା ଚୋରି ହୋଇଥିବା ଖଲ୍ଲିକୋଟ ଥାନା ଅଧୀନ ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଛି। ୩ରୁ ୪ ଜଣ ଯୁବକ କାର୍‌ରେ ଆସି ବସରୁ ଉକ୍ତ ରୁପା ଭର୍ତ୍ତି ବ୍ୟାଗ ଓ ଟଙ୍କା ଚୋରାଇ ନେଇଥିବା ଭୁବନେଶ୍ୱର ଅଭିମୁଖେ ପଳାଇଥିବା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।

ବ୍ରହ୍ମପୁରରୁ କୋଲକାତା ଅଭିମୁଖେ ଯାଉଥିବା 'ଖମ୍ବେଶ୍ୱରୀ' ବସଟି ସନ୍ଧ୍ୟା ପ୍ରାୟ ୭ଟାରେ ଭେଜିପୁଟ ନିକଟରେ ଅଟକିଥିଲା। ପ୍ରାୟ ସମସ୍ତ ଯାତ୍ରୀ ଚା' ଜଳଖିଆ ଖାଇବା ପାଇଁ ତଳକୁ ଓହ୍ଲାଇ ଯାଇଥିଲେ। ଏହି ସମୟରେ ହଠାତ ୩ରୁ ୪ ଜଣ ଯୁବକ ବସ ଭିତରେ ପଶି କୋଲକାତାର ରୁପା ବ୍ୟବସାୟୀ ମିଥୁନ ମଣ୍ଡଳଙ୍କ ଦୁଇଟି ବ୍ୟାଗ ନେଇ ପଳାଇଥିଲେ। କିଛି ସମୟ ଯାତ୍ରୀମାନେ ବସକୁ ଉଠିଥିଲେ। ବ୍ୟବସାୟୀ ଜଣକ ନିଜ ସିଟ ପାଖକୁ ଯିବାରେ ବ୍ୟାଗ ନ ଥିବା ଦେଖି ଚିତ୍କାର କରିଥିଲେ। ଖବରପାଇ ଖଲ୍ଲିକୋଟ ଥାନା ଏବଂ ଭେଜିପୁଟ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ ଆଧାରରେ କାରକୁ ଧରିବା ପାଇଁ ଉଦ୍ୟମ ଚାଲିଛି।

# ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟକୁ ରାସ୍ତା ନାହିଁ

ଖଜୁରୀପଡ଼ା,୨୬ା୭ (ବିଦୁର ବେହେରା) ଖଜୁରିପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କନ୍ଧମାଳ ତରଫରୁ ଆର୍ଥିକ ବର୍ଷ ୨୦୧୯–୨୦ରେ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଅଟକଳ ବ୍ୟୟ ୨୫ ଲକ୍ଷ୍ୟ ୮୪ ହଜାର ୯୨୭ ଟଙ୍କାରେ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଯାହାର କାର୍ଯ୍ୟକାରୀ ସଂସ୍ଥା ପଞ୍ଚାୟତ ସମିତି ଖଜୁରିପଡ଼ା ରହିଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଯେଉଁ କାର୍ଯ୍ୟାଳୟକୁ ପ୍ରତିଦିନ ଗର୍ଭବତୀ ମହିଳାଙ୍କ, କୋମଳ ମତି ଶିଶୁ, ଅଙ୍ଗନୱାଡି କର୍ମୀ, ସହାୟିକ ଏବଂ କର୍ମଚାରୀମାନେ ଯିବା ଆସିବା କରନ୍ତି। କିନ୍ତୁ ସେହି କାର୍ଯ୍ୟାଳୟକୁ ରାସ୍ତା ନାହିଁ। ଯେଉଁ ରାସ୍ତା ଦେଇ ଯିବା ଆସିବା ହୁଏ ସେହି ରାସ୍ତା କାଦୁଅରେ ହ୍ରଦ ପରି ଦେଖା ଯାଉଛି। କେତେ ବେଳେ ଯେ କାହାର ଗୋଡ ଖସି ହେଉ ଅବା ବାଇକ ସ୍କୁଟି ଖସି ପଡ଼ିବାର ସମ୍ଭାବନା ରହୁଛି। ତାହା ସାଙ୍ଗକୁ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିପଦପୂର୍ଣ୍ଣ ଖାଲ ରହିଛି। ତେଣୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଅଫିସ ଥାଇ ମଧ ଏହାର ରାସ୍ତା ଓ ପରିଷ୍କାର ପରିଚ୍ଛନ୍ନ ନ ଥିବା ବିସ୍ମୟ ସୃଷ୍ଟି କରୁଛି। କଥାରେ ଅଛି ଦୀପ ତଳ ଅନ୍ଧାର ।ଠିକ ଏହି ଉକ୍ତି ପରି ରହିଛି ସମନୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ବ୍ୟବସ୍ଥା । ତେବେ ଏହି ସମସ୍ୟାର ସମାଧାନ ପ୍ରତି ଦାବି ହେଉଛି।



# ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠପଢ଼ା

ଚକାପାଦ,୨୬ା୭ (ପ୍ରତାପ କିଶୋର ବେହେରା): ଚକାପାଦ ବ୍ଲକ ଅନ୍ତର୍ଗତ ବପଲମେଣ୍ଡି ପଞ୍ଚାୟତର ସିଶିବାଲି ପ୍ରାଥମିକ ବିଦ୍ୟାଳୟରେ ବିପଦପୂର୍ଣ୍ଣ ଅବସ୍ଥାରେ ପାଠପଢ଼ା ଚାଲିଛି। ଏହି ବିଦ୍ୟାଳୟରେ ପ୍ରଥମଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୭ ଜଣ ଛାତ୍ରୀଛାତ୍ର ଥିବା ବେଳେ ଦୁଇ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଦୁଇଟି ଶ୍ରେଣୀ ଗୃହର ଛାତ ଫାଟି ଗୋଡ଼ି, ସିମେଣ୍ଟ ଖସି ଲୁହାରଡ ସବୁ ଦେଖା ଯାଉଛି। ବର୍ତ୍ତମାନ ବର୍ଷାଦିନେ ପାଣି ଗଳି ଶ୍ରେଣୀ ଗୃହରେ ଭାସୁଛି। ବିପଦସଙ୍କୁଳ ଏହି ଗୃହରୁ କେତେବେଳେ ପିଲାମାନଙ୍କ ଉପରେ ଛାତ ଖଣ୍ଡ ପଡ଼ିଯିବ କହିହେବ ନାହିଁ। ତେବେ କିଛି ଅଘଟଣ ଘଟିବା ଆଗରୁ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଆଦର୍ଶ ବିଦ୍ୟାଳୟ ଆଗରେ ଜମୁଛି ବର୍ଷା ପାଣି

ଧରାକୋଟ,୨୬ା୭ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକର କୁଷଗୁମାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଗରେ ଆଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଯାଇଛି। ଆଦର୍ଶ ବିଦ୍ୟାଳୟ ଆଗରେ ଡ୍ରେନ ନ ଥିବା ଯୋଗୁ ବିଦ୍ୟାଳୟ ଭିତର ଓ ବାହାର ପଟେ ବର୍ଷା ପାଣି ଜମି ରହୁଛି। ଏଥିଯୋଗୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମାନେ ବିଦ୍ୟାଳୟକୁ ଯିବା ଆସିବା କରିବାରେ ବାଧା ସୃଷ୍ଟି ହେଉଛି। ଏହା ମଧ୍ୟରେ ପାଣି ଭିତରେ ମୋରମ ପକାଇ ଏକ ଫୁଟର ଅସ୍ଥାୟୀ ରାସ୍ତା ତିଆରି କରାଯାଇଛି । ଛାତ୍ରୀଛାତ୍ରୀମାନେ ଏହି ସଂକୀର୍ଣ୍ଣ ରାସ୍ତାରେ ଯାତାୟାତ କରିବା ବେଳେ ଭାରସାମ୍ୟ ହରାଇ ପାଣି କାଦୁଅରେ ପଡୁଥିବା ଦେଖାଯାଉଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

## ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବନ ମହୋତ୍ସବ



ରମ୍ଭା,୨୬ା୭(ବନବାସୀ ସେଠୀ): ରମ୍ଭା ରାମଗଡ଼ ପଞ୍ଚାୟତ ରଘୁନାଥପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ମୁଖ୍ୟବକ୍ତା, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରଶ୍ମିତା ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଜିଲା ଇକୋ କ୍ଲବ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ, ବନପାଳ ରତନ କୁମାର ବେହେରା, ଗୌରାଙ୍ଗ ପ୍ରଧାନ, ପ୍ରଣବ ଜୟସିଂହ, ଶିକ୍ଷକ ବିପ୍ର ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂପ୍ରତି ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ କରାଯାଇଥିବା ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ବାରିକ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୋଗ ଶୁଣିଲେ ସହକାରୀ ଦେବୋତ୍ତର କମିଶନର

ଶେରଗଡ, ୨୬ା୭(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ଲକ୍ଷ୍ମୀନାରାୟଣ ମଠରେ ସହକାରୀ ଦେବୋତ୍ତର କମିଶନର ହେମନ୍ତ ଦାସ ପହଞ୍ଚି ଅଭିଯୋଗ ଶୁଣିଛନ୍ତି। ପୂର୍ବରୁ ମଠରେ ଅନିୟମିତତା ସମ୍ପର୍କରେ କିଛି ବ୍ୟକ୍ତି ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ସହକାରୀ କମିଶନର ଶ୍ରୀ ଦାସ ବୁଧବାର ପହଞ୍ଚି ବ୍ୟକ୍ତିମାନଙ୍କୁ ଡକାଇ ଅଭିଯୋଗ ଶୁଣିଥିଲେ। ମଠ ପକ୍ଷରୁ ଦିଆଯାଇ ଥିବା ଭଡ଼ା ଦୋକାନ ଗୃହରେ ବିଦ୍ୟୁତ୍ ମିଟର ନ ରଖି ମହନ୍ତ ନିଜ ଅଧୀନରେ ରଖିବା, ମନ୍ଦିରର ବିକାଶ ନହେବା, ଆର୍ଥିକ ଅନିୟମିତତା ନେଇ ବ୍ୟକ୍ତିମାନେ କମିଶନର ନିକଟରେ ଫେରାଦ ହୋଇଥିଲେ। କମିଶନର ଶ୍ରୀ ଦାସ ଶୁଣିଲା ପରେ ମୁଁ ମୋର ଉଚ୍ଚ ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ। ପରେ ମଠ ସ୍ଥିତି ଅନୁଧ୍ୟାନ କରିଥିଲେ। ଉକ୍ତ ସମୟରେ ଦଣ୍ଡପାଣି ପାଢୀ, ଦାମୋଦର ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ




ଫୁଲବାଣୀ, ୨୬ା୭ (ରାକେଶ କୁମାର ରାଉତ): ଫୁଲବାଣୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ସମସ୍ତ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଫୁଲବାଣୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜନ କୁମାର କହଁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅମୂଲ୍ୟ କୁମାର ଜେନା, ଧନେଶ୍ୱର କହଁର, ପ୍ରକାଶ କୁମାର ବଳିୟାରସିଂ, ୧୩ଟି କ୍ଲଷ୍ଟରର ସିଆରସିସିମାନେ ବିଦ୍ୟାଳୟକୁ ଯାଇ ଏହି କାର୍ଯ୍ୟକ୍ରମର ଅନୁଧ୍ୟାନ କରୁଛନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷଣ ଉପକରଣ ପ୍ରସ୍ତୁତି ଓ ପ୍ରଦର୍ଶନ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଉଦ୍ରେକ, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦକ୍ଷତା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ପୋଷକ ଓ ସବୁଜ ବାହିନୀ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ଅନ୍ତର୍ନିହିତ ଗୁଣାବଳୀ, ମାନସିକ, ଶାରୀରିକ, ସାମାଜିକ ଦକ୍ଷତାର ବିକାଶ ହୋଇପାରିବ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

# କାଦୁଅରେ ବେହାଲ ରାୟଗଡ଼ ହାଟ

ପାରଳାଖେମୁଣ୍ଡି, ୨୬ା୭ (ଗିରିଧାରୀ ପରିଛା): ଗଜପତି ଜିଲା ରାୟଗଡ ବ୍ଲକ ସଦରମହକୁମାସ୍ଥିତ ସାପ୍ତାହିକ ବଜାର ଲଘୁଚାପ ଜନିତ ବର୍ଷା କାରଣରୁ ଆଣ୍ଠୁଏ କାଦୁଅରେ ବେହାଲ ହୋଇଯାଇଛି

ସାପ୍ତାହିକ ବଜାର ଜିଲାର ପ୍ରାୟତଃ ଶତାଧିକ ବର୍ଷ ପୁରୁଣା ହାଟ ହୋଇଥିବା ବେଳେ ଏହା ଶନିବାର ଅନୁଷ୍ଠିତ ହୋଇଥାଏ । ପୂର୍ବରୁ ଏଠାକୁ ରାୟଗଡ, ନୂଆଗଡ, ଗୁମ୍ମା, ଗୋଷାଣି ବ୍ଲକ ସମେତ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଅଧୀନ ଶ୍ରୀକାକୁଲମ ଜିଲାର ଅନେକ ବ୍ୟବସାୟୀ ଓ ଗ୍ରାହକ ହାଟକୁ ଦିନକ ପୂର୍ବରୁ ଆସି ବେପାର ବଣିଜ କରିଥାନ୍ତି। ଗ୍ରାହକ ସୁଲଭ ଦରରେ ବିଭିନ୍ନ ସାମଗ୍ରୀ କିଣି ଖୁସିବ୍ୟକ୍ତ କରୁଥିବାବେଳେ ବ୍ୟବସାୟୀ ଭଲ ଲାଭ ପାଇ ଘରକୁ ଫେରୁଥିଲେ। ଆଜି ମଧ ସେହି ପାରମ୍ପରିକ ବ୍ୟବସାୟ କାରଣରୁ ଏହି ହାଟ ଜିଲାର ଏକ ଜଣାଶୁଣା ସାପ୍ତାହିକ ବଜାର ଭାବେ ପରିଗଣିତ ହୁଏ । କିନ୍ତୁ ଏହି ହାଟ ପରିସରରେ ବ୍ୟବସାୟୀ ଓ ଗ୍ରାହକଙ୍କ ସୁବିଧା ଦୃଷ୍ଟିରୁ ପଞ୍ଚାୟତ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ହୋଇନଥିବାରୁ ଅଞ୍ଚଳବାସୀଙ୍କ ସମେତ ବ୍ୟବସାୟୀ ଓ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଶନିବାର ବଜାର ଆରମ୍ଭ ହେବା ବେଳକୁ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା । ଫଳରେ ଦୋକାନୀମାନେ ନିଜ ନିଜ ସାମଗ୍ରୀ ବହୁ କଷ୍ଟରେ ସଜାଡି ବିକ୍ରିବଟା ଆରମ୍ଭ କରିଥିଲେ ମଧ ହାଟ ପରିସରରେ ବିଶ୍ରାମଗାରଟିଏ ନଥିବା ଯୋଗୁଁ ଗ୍ରାହକମାନେ ଯେନତେନ ପ୍ରକାରେ ମୁଣ୍ଡ ଲୁଚାଇବାକୁ ଦୌଡ଼ିଥିଲେ । ବର୍ଷାରେ ହାଟ ପରିସର କାଦୁଅରେ ପରିପୂର୍ଣ୍ଣ ହୋଇ ପଚପଚ ହୋଇଥିବାବେଳେ ବ୍ୟବସାୟୀ ମାନେ ଜିନିଷକୁ ପଲିଥିନରେ ଘୋଡାଇ ବର୍ଷାରେ ଭିଜି ବିକ୍ରି କରିବାକୁ ବାଧ ହୋଇଥିଲେ। ଫଳରେ ଉଭୟ ବ୍ୟବସାୟୀ ଓ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କାରେ ସାପ୍ତାହିକ ବଜାର ଟେଣ୍ଡର କରି ବ୍ୟବସାୟୀ ଓ ଦୋକାନୀଙ୍କଠାରୁ ଟିକସ ଆଦାୟ କରି ନେଉଥିଲେ ଥିଲେ ମଧ ହାଟ ପରିସରରୁ ଜଳ ନିଷ୍କାସନ ବ୍ୟବସ୍ଥା, ସିମେଣ୍ଟ କଂକ୍ରିଟ ଓ ଯାତ୍ରୀ ବିଶ୍ରାମାଗାରଟିଏ ନିର୍ମାଣ କରାଯାଇ ନ ଥିବାରୁ ଉକ୍ତ ରାଜସ୍ୱଗୁଡିକ କୁଆଡେ ଯାଉଛି ତାହା ପ୍ରଶ୍ନବାଚୀ ହୋଇଛି। ଏ ନେଇ ବ୍ୟବସାୟୀ ଓ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଉଛି । ତେଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ କିମ୍ବା ପଞ୍ଚାୟତ ପ୍ରତିନିଧି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।



# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ଦାବି ତେଜିଲା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବିପତ୍ର

ବ୍ରହ୍ମପୁର,୨୬।୭(ସ୍ୱାଧୀନ ଶେଖର ପାଢ଼ୀ):



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ୟୁଜିସି ମାନ୍ୟତା ଦାବି ନେଇ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମାନବ ଅଧିକାର ସୁରକ୍ଷା ମଞ୍ଚ ବିକ୍ଷୋଭ ପ୍ରଦର୍ଶନ କରିଛି। ବିଧାନସଭା ଅଧିବେଶନରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଅନୁମୋଦନ ପାରିତ କରିବା ଦାବିରେ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୪୬ ବର୍ଷ ପୁରାତନ ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଏକକ ବିଶ୍ୱବିଦ୍ୟାଳୟ ଭାବେ ପରିଣତ ପରେ ବର୍ତ୍ତମାନ ନିଜ ବୈଧତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୧ ଅଗଷ୍ଟ ପହିଲାରୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ନାମକରଣ ସତ୍ତ୍ୱେ ୟୁଜିସି ମାନ୍ୟତା ପାଇନାହିଁ। ଫଳରେ ଏଠାରୁ ପାସ କରିଥିବା ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟର ବୈଧତା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହେବାର ସଙ୍କଟ ଦେଖାଦେଇଛି। ଏଥିପାଇଁ ତତ୍କାଳୀନ ଉଚ୍ଚ ଶିକ୍ଷା ବିଭାଗକୁ ଦାୟୀ କରିଛନ୍ତି ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟା। କଲେଜରୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓ ପରେ ୨୦୨୧ରେ ଏକକ ବିଶ୍ୱବିଦ୍ୟାଳୟ ଭଳି ନାମକରଣ ହେଲା। କିନ୍ତୁ ପ୍ରକୃତ ନିୟମ ପ୍ରକାରେ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। କେବଳ ଉଚ୍ଚ ଶିକ୍ଷା ବିଭାଗରେ ଗେଜେଟ ପାସ କରି ବିଶ୍ୱବିଦ୍ୟାଳୟ ହୋଇଗଲା ବୋଲି ପ୍ରଚାର କରାଗଲା। କିନ୍ତୁ ନିୟମ ପ୍ରକାରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ଓ ଏକାଡେମିକ କାଉନସିଲ ଗଠନ କରିବା ଓ ପରେ ଏହାକୁ ଓଡିଶା ବିଧାନସଭାରେ ବିଶ୍ୱବିଦ୍ୟାଳୟ ଭାବେ ଅନୁମୋଦନ ପାଇଁ ପାରିତ କରିବା କଥାକୁ ଦୃଷ୍ଟି ଦିଆଗଲା ନାହିଁ। ଏ ଦିଗରେ ଗୁରୁତର ଅବହେଳା କରାଯାଇ ଆଜି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଛି। ପୂର୍ବତନ କୁଳପତି ମାନେ ମଧ୍ୟ ଏଥିପାଇଁ ସମାନ ପରିମାଣରେ ଦାୟୀ ବୋଲି ଗୟା ଅଭିଯୋଗ କରିଛନ୍ତି। ଏଥିରେ ମଞ୍ଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଥ ପଣ୍ଡା, ଅଳକ ନାଥ ମିଶ୍ର, ପ୍ରଫୁଲ୍ଲ କୁମାର ଜେନା, ବିଜୟ କୁମାର ପାଢ଼ୀ, ଜୟକୃଷ୍ଣ ନାୟକ, ମନୋଜ କୁମାର ତରାଇ, ରତ୍ନପୁର୍ଣ୍ଣ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ରମେଶ ପ୍ରସାଦ ଦାସ, ଆଦିତ୍ୟ ନାରାୟଣ ରଥ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ବିରେନ କୁମାର ବେହେରା, ପ୍ରଶାନ୍ତ କୁମାର ପଣ୍ଡା, କବିରାଜ ସେଠି, ସାଲ୍ଲା କେଶବ ଲିଙ୍ଗମ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କ୍ଷୀର ବ୍ୟବସାୟୀଙ୍କୁ ହତ୍ୟା ମାମଲା
### ୨୯ତମ ସାକ୍ଷୀ ଆଇଓଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ): ଗୋସାଇଁନୂଆଗାଁ ଥାନା ହିଲପାଟଣାରେ ହେରିଟେଜ କମ୍ପାନୀର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାର ବିଚାର ଏବେ ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍-୩ ରାଜ କିଶୋର ଦାଶଙ୍କ କୋର୍ଟରେ ଚାଲୁରହିଛି। ଶୁକ୍ରବାର ଉକ୍ତ ମାମଲାର ତଦନ୍ତ ଅଧିକାରୀ(ଆଇଓ) ତଥା ତତ୍କାଳୀନ ଗୋସାଇନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ କୋର୍ଟରେ ୨୯ତମ ସାକ୍ଷୀ ଭାବେ ହାଜର ହୋଇଥିଲେ। ତାଙ୍କ ବୟାନ ରେକର୍ଡ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୨ ତାରିଖ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ,୨୦୨୦ ଜୁନ ୧୨ ତାରିଖ ବିଳମ୍ବିତ ରାତିରେ ଲମ୍ବୋଦର ମୁନିଙ୍କୁ ହିଲପାଟଣା ସ୍ଥିତ ତାଙ୍କ କ୍ଷୀର ଗୋଦାମ ଭିତରେ ହତ୍ୟା କରାଯାଇଥିଲା। ଏ ନେଇ ଗୋସାଇଁନୂଆଗାଁ ଥାନାରେ ନଂ.୮୭/୨୦ରେ ମାମଲା ରୁଜୁ କରି ପର୍ଯ୍ୟାୟକ୍ରମେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### କାର୍ଗିଲ ବିଜୟ ଦିବସ

ବ୍ରହ୍ମପୁର,୨୬।୭ (ସ୍ୱାଧୀନ ଶେଖର ପାଢ଼ୀ/ ସ୍ମୃତିରଞ୍ଜନ ମହାଳିକ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଏବଂ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଡ଼. ବନ୍ଦିତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣଯୋଗାଯୋଗ ବିଭାଗ ପକ୍ଷରୁ 'କାରଗିଲ ବିଜୟ ଦିବସର ମହତ୍ତ୍ୱ' ଶୀର୍ଷକ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧାପକ ଡ଼ ଚିନୁ ବହିଦାର ସଂଯୋଜନା କରିଥିଲେ। ଗୃହ ବିଜ୍ଞାନ ବିଭାଗରେ କ୍ୟାପଟେନ ନାରାୟଣ ବିଶୋଇ ଦିବସ ସମ୍ପର୍କରେ ଛାତ୍ରୀମାନଙ୍କୁ କହିଥିଲେ ।

ସେହିପରି ଗଞ୍ଜାମ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ କାରଗିଲ ବିଜୟ ଦିବସ ଅବସରରେ ଏକ ମଶାଲ ଶୋଭାଯାତ୍ରା ଜଗଦଲପୁରଠାରୁ ଆରମ୍ଭ ହୋଇଛି। ମଶାଲ ଜ୍ୟୋତି ପ୍ରଥମେ ଶହୀଦ ଶ୍ରୀନିବାସ ପାତ୍ରଙ୍କ ଘରେ ଲଗାଯିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଡା ସୁବାଷ ସାହୁ, ରାଜ୍ୟ ପ୍ରବକ୍ତା ଟି.ଗୋପୀ, ରାଜ୍ୟ ଯୁବ ମୋର୍ଚ୍ଚା ସଂପାଦକ ଡୁଡୁନ ପାତ୍ରଙ୍କ ସମେତ ପ୍ରଭାତ ଷଡଙ୍ଗୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ବାବୁଲା ପାତ୍ର, ରାମ କୁମାର ପାତ୍ର ଓ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏଆଇଡିଏସ୍ଓର ବିକ୍ଷୋଭ ଶୋଭାଯାତ୍ରା




ବ୍ରହ୍ମପୁର,୨୬।୭(ସ୍ୱାଧୀନଶେଖରପାଢ଼ୀ): ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ପ୍ରାଧ୍ୟାପକ ଓ ଶିକ୍ଷା କର୍ମଚାରୀ ସ୍ଥାୟୀ ପୂରଣ ଓ ୟୁଜିସି ମାନ୍ୟତା ଦାବିରେ ଏଆଇଡିଏସଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଠାରୁ ଶୋଭାଯାତ୍ରା ବାହାରି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଫିସ ନିକଟରେ ପହଞ୍ଚିଥିଲା । ସେଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ୟୁଜିସି ଚେୟାରମେନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦୨୧ରୁ ଏକକ ବିଶ୍ୱବିଦ୍ୟାଳୟ ହେବା ପରେ ୟୁଜିସି ମାନ୍ୟତା ମିଳିନଥିବା ଯୋଗୁଁ ଏହି ଶିକ୍ଷାନୁଷ୍ଠାନକୁ କୌଣସି ଅନୁଦାନ ମିଳିପାରୁନାହିଁ ଏବଂ ଶିକ୍ଷାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ ସାର୍ଟିଫିକେଟ ବୈଧତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିଭଳି ଶିକ୍ଷାଦାନ କରୁଥିବା ଅଧ୍ୟାପକ ଓ ପ୍ରାଧ୍ୟାପକଙ୍କ ଘୋର ସଙ୍କଟ ରହିଛି । ଏଠି ମୋଟ ୧୧୨ ପ୍ରାଧ୍ୟାପକ ଓ ୨୫ ଶିକ୍ଷାକର୍ମଚାରୀ ପଦ ଖାଲିପଡ଼ିଛି। ଫଳରେ ଠିକ ସମୟରେ କୋର୍ସ ଶେଷ କରିବା, ପରୀକ୍ଷା ପରିଚାଳନା କରିବା ଓ ତ୍ରୁଟିମୁକ୍ତ ଫଳ ପ୍ରକାଶନରେ ଅସୁବିଧା ହେଉଛି । ତେଣୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ତୁରନ୍ତ ୟୁଜିସି ମାନ୍ୟତା ପ୍ରଦାନ କରିବା ସହ ସମସ୍ତ ସ୍ଥାୟୀ ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପୂରଣ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଏଥିରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲା ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, ସମ୍ପାଦକ ନାରାୟଣ ସାହୁ, କିସାନ ସାହୁଙ୍କ ସମେତ ଶୁଭସ୍ମିତା ପାଣିଗ୍ରାହୀ ଆଦି ସଂଗଠନର କର୍ମକର୍ତ୍ତା ଏବଂ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଏମ୍‌କେସିଜି ମେଡିକାଲରେ ଓଏଚ୍‌ଆର୍‌ସି ସଦସ୍ୟ

ବ୍ରହ୍ମପୁର, ୨୬।୭(ସୁବାସ ଚନ୍ଦ୍ର ପାଢ଼ୀ) : ରାଜ୍ୟ ମାନବ ଅଧିକାର କମିଶନ(ଓଏଚଆରସି)ର ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଶୁକ୍ରବାର ଏମକେସିଜି ମେଡିକାଲ ଗସ୍ତରେ ଆସିଥିଲେ। ସେ ମେଡିକାଲର ବିଭିନ୍ନ ବିଭାଗ ବୁଲିବା ସହିତ ରୋଗୀସେବା ପଚାରି ବୁଝିଥିଲେ। ପ୍ରଥମେ କାଜୁଆଲିଟି, କୋଠା ସମ୍ପ୍ରସାରଣ ଏବଂ କରୋନା କୋଠା ଭଙ୍ଗା ନେଇ ମହାପାତ୍ର ଓଡିଶା ବ୍ରିଜ କନଷ୍ଟ୍ରକସନ କର୍ପୋରେସନ (ଓବିସିସି) ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିରାମୟ କେନ୍ଦ୍ରର ଆକ୍ୱାଗାର୍ଡ ଅଚଳ ଥିବାରୁ ତାହାକୁ ମରାମତି କରିବାକୁ ପରାମର୍ଶ ଦେଇଥିଲେ। ଏମକେସିଜିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ। ମେଡିକାଲରେ ରୋଗୀଙ୍କୁ କିଭଳି ସେବା ମିଳୁଛି ସେ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ଏହାସହିତ ରୋଗୀଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରିଥିଲେ। ମେଡିସନ ବିଭାଗ ଓ ରଞ୍ଜନରଶ୍ମି ବିଭାଗ ବୁଲି ଦେଖିଥିଲେ। ସେଠାରେ ଆବଶ୍ୟକ ଯନ୍ତ୍ରପାତି ଅଛି କି ନାହିଁ ତାହା ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏହାପରେ ନିରାମୟ କେନ୍ଦ୍ର ବୁଲି ଦେଖିଥିଲେ। ନିରାମୟ କେନ୍ଦ୍ର ନିକଟରେ ବର୍ଷା ପାଣି ଜମା ରହିଥିବାରୁ ତାହା ସଫା କରିବାକୁ କହିଥିଲେ। ବିଶେଷ କରି ମେଡିକାଲ ପରିସରକୁ ସଫାସୁତରା ରଖିବା ଦିଗରେ ଓଏଚଆରସି ସଦସ୍ୟ ମହାପାତ୍ର ଗୁରୁତ୍ୱ ଦେଇଥିଲେ। ରୋଗୀଙ୍କ ପାଇଁ ଆବଶ୍ୟକ ପାନୀୟ ଜଳ ସୁବିଧା ଯୋଗାଇବା ସହିତ ପ୍ରତି ବିଭାଗରେ ପାନୀୟ ଜଳ ସୁବିଧା କରିବାକୁ ୱାଟକୋ କର୍ତ୍ତୃପକ୍ଷଙ୍କୁ କହିଥିଲେ। ପରେ ମେଡିକାଲ କଲେଜରେ ବିଭାଗୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ସମୟରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ, ରେଜିଷ୍ଟ୍ରାର୍ ସଂଗ୍ରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ରଙ୍କ ସହ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।


ଓଏଚଆରସି ସଦସ୍ୟ ବିଭିନ୍ନ ବିଭାଗ ପରିଦର୍ଶନ କରୁଛନ୍ତି।

# ଦକ୍ଷତା, ଡିଜିଟାଲ ପ୍ରୋତ୍ସାହନ ଦିବସରେ ପାଠଚକ୍ର

ବ୍ରହ୍ମପୁର,୨୬।୭(ସ୍ୱାଧୀନ ଶେଖର ପାଢୀ): ଜାତୀୟସ୍ତରୀୟ ଶିକ୍ଷା ସପ୍ତାହ ପାଳନର ୫ମ ଦିନ ଶୁକ୍ରବାର ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ଅବସରରେ ହିଲପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ସହକାରୀ ବ୍ଲକ ଶିକ୍ଷାଧିକାରିଣୀ କୁସୁମ ପାଢୀ, ସ୍ଥାନୀୟ କର୍ପୋରେଟର ମମତା ପାତ୍ର, ସି.ଆରସିସି ମଧୁସ୍ମିତା ଦେବୀ, ବିଦ୍ୟାଳୟ ଏସଏମସି ଅଧକ୍ଷ ଏ.ଶଙ୍କର ଆଚାରୀ ପ୍ରମୁଖ ଦକ୍ଷତା ଓ ଡିଜିଟାଲ ପ୍ରୟୋଗର ଉପାଦେୟତା ଉପରେ କହିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ସପ୍ତାହ ଅବସରରେ ହୋଇଥିବା ବିଭିନ୍ନ କର୍ମଶାଳାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଶିକ୍ଷା ସାମଗ୍ରୀ ଦିବସ, ଏଫ.ଏଲ.ଏନ ଦିବସର ବିବରଣୀ ପାଠ କରାଯାଇ ପ୍ରଦର୍ଶନ କରାଯାଇଥିଲା।


ସହର ଉପକଣ୍ଠ ନିମଖଣ୍ଡିଠାରେ ଚାଷ ଜମିରେ ତଳି ରୁଆ ଚାଲିଛି। (ଫଟୋ: ସମୀର କୁମାର ରଥ)

### ଗଜପତିନଗର ଶିଶୁ ବିଦ୍ୟା ମନ୍ଦିରରେ କାର୍ଗିଲ ବିଜୟ ଦିବସ

ବ୍ରହ୍ମପୁର,୨୬।୭(ସ୍ମୃତି ରଞ୍ଜନ ମହାଳିକ) ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍କୁଲ ସଭାପତି ରାମ ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ସୁବେଦାର ମେଜର ଅଶ୍ୱିନ କୁମାର ରଥ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ଯୋଗ ଦେଇ କାର୍ଗିଲ ସହିଦଙ୍କ ସଂପର୍କରେ କହିଥିଲେ। ବିଦ୍ୟାଳୟର ଏନସିସି ଅଧିକାରୀ ହରେକୃଷ୍ଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା।

# ଶହୀଦଙ୍କ ଉଦ୍ଦେଶ୍ୟରେ ୭୫ ପ୍ରଦୀପ ପ୍ରଜ୍ୱଳନ


ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦୀପ ପ୍ରଜ୍ୱଳନ।

ବ୍ରହ୍ମପୁର,୨୬।୭(ସ୍ୱାଧୀନ ଶେଖର ପାଢ଼ୀ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବ୍ରହ୍ମପୁର ମହାନଗର ପକ୍ଷରୁ ଶୁକ୍ରବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ୨୫ତମ କାରଗିଲ ବିଜୟ ଦିବସ ପାଳନ ଅବସରରେ ଭାରତୀୟ ସେନାର ବୈଭବଶାଳୀ ଇତିହାସ ଓ କାରିଗିଲ ବିଜୟର ମହାନ ଗାଥାକୁ ସ୍ମରଣ କରି ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୭୫ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ କାର୍ଯ୍ୟସମିତି ସଦସ୍ୟା ଦୀପ୍ତିମୟୀ ପ୍ରତିହାରୀ,ରାଜ୍ୟ ସାମାଜିକ ଗଣମାଧ୍ୟମ ସହ-ସଂଯୋଜକ ସୁନୀଲ ଦୋରା, ବ୍ରହ୍ମପୁର ନଗର ବିସ୍ତାରକ ଅଧିର ରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ପାତ୍ର, ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ନୀଳମାଧବ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଆନ୍ଦୋଳନରତ ଆଉଟସୋର୍ସିଂ କର୍ମଚାରୀ।

ବ୍ରହ୍ମପୁର,୨୬।୭(ସ୍ମୃତି ରଞ୍ଜନ ମହାଳିକ): ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ଆଉଟସୋର୍ସିଂ କର୍ମଚାରୀମାନେ ବକେୟା ଦରମା ଦାବି ନେଇ ଶୁକ୍ରବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ବହୁ ଜରୁରୀକାଳୀନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ନେଇ କର୍ମଚାରୀ ଓ ସଂପୃକ୍ତ ଏଜେନ୍ସି କମିଶନର ଭବାନୀ ପ୍ରସାଦ ଶର୍ମା ଓ ମେୟର ସଂଘମିତ୍ରା ଦଳେଇଙ୍କୁ ସାକ୍ଷାତ କରିଥିଲେ। ବିଇଏମସିର ବର୍ତ୍ତମାନ ୯୫ ଆଉଟସୋର୍ସିଂ କର୍ମଚାରୀ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଛନ୍ତି। ଏଥିସହ ବିଭିନ୍ନ ୱାର୍ଡରେ ଥିବା ପାର୍କଗୁଡିକରେ ୬ ଆଉଟସୋର୍ସିଂ କର୍ମଚାରୀ କାମ କରୁଛନ୍ତି। କର୍ମଚାରୀଙ୍କ ମଧ୍ୟରେ ଅମିନ, ଫିଟର, ପିଅନ, ମାଳି, ରାତ୍ରି ଜଗୁଆଳି, ସିକ୍ୟୁରିଟି ଗାର୍ଡ, ସୁପରଭାଇଜର ଓ ପୋଖରୀ ସଫେଇ କର୍ମଚାରୀ ମଧ୍ୟ ରହିଛନ୍ତି। ତେବେ ସେମାନଙ୍କୁ ଜୁନ ଓ ଜୁଲାଇ ମାସର ଦରମା ମିଳି ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହି କର୍ମଚାରୀମାନେ ଉଦୟଭାନୁ ମାର୍କେଟିଂ ସର୍ଭିସେସ ପ୍ରାଇଭେଟ ଲିମିଟେଡ ନାମକ ଏଜେନ୍ସି ଅଧୀନରେ କାର୍ଯ୍ୟ କରୁଛନ୍ତି। ୨୦୧୪ରୁ ଏହି ଏଜେନ୍ସି ବିଇଏମସି ସହ ଚୁକ୍ତିନାମା ଅନୁଯାୟୀ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିଆସୁଛି। ପ୍ରତି ବର୍ଷ ଚୁକ୍ତିନାମା ନବୀକରଣ ମଧ୍ୟ କରାଯାଉଛି। ଏଜେନ୍ସି ପକ୍ଷରୁ ସମସ୍ତ ନିୟମକୁ ପାଳନ କରାଯାଉଥିବା ବେଳେ ନିଗମ ପକ୍ଷରୁ ଦରମା ପ୍ରଦାନ କ୍ଷେତ୍ରରେ ଅବହେଳାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଏଜେନ୍ସି କର୍ତ୍ତୃପକ୍ଷ ରାଜେନ୍ଦ୍ର ରଥ କମିଶନରଙ୍କୁ ସାକ୍ଷାତ କରିଥିଲେ। କିନ୍ତୁ କମିଶନର ସମସ୍ୟାର ସମାଧାନ ପରିବର୍ତ୍ତେ ଖୋଦ ଏଜେନ୍ସିକୁ ଏ ବାବଦରେ ଦରମା ପ୍ରଦାନ ପାଇଁ କହିଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ଫଳରେ କର୍ମଚାରୀ ଓ ଏଜେନ୍ସି ମାଲିକ ବିଇଏମସି ମେୟରଙ୍କୁ ସାକ୍ଷାତ କରିଥିଲେ। କମିଶନରଙ୍କୁ ମେୟର ଘଟଣା ସଂପର୍କରେ ପଚାରିବା ସହ କର୍ମଚାରୀଙ୍କ ଦରମା ରିଲିଜ ପାଇଁ କହିଥିଲେ। କମିଶନର ନୂତନ ଟେଣ୍ଡର ପାଇଁ କହିଥିବା ବେଳେ କର୍ମଚାରୀଙ୍କ ଦରମା ରିଲିଜ ପାଇଁ ସହମତି ପ୍ରକାଶ କରିଥିବା ଏଜେନ୍ସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଏଜେନ୍ସି ପକ୍ଷରୁ ବ୍ରହ୍ମପୁର ବିଧାୟକଙ୍କୁ ମଧ୍ୟ ଏ ବାବଦରେ ଅବଗତ କରାଯାଇଥିଲା। କିନ୍ତୁ କୌଣସି ସମସ୍ୟାର ସମାଧାନ ହୋଇ ନ ଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ସମସ୍ୟାର ସମାଧାନ ନ ହେବା ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ କହିଛନ୍ତି।

### ଲୋଚାପଡା ସମବାୟ ସମିତି ସମ୍ପାଦକଙ୍କ ମୃତ୍ୟୁ ଘଟଣା

# ୪ ବର୍ଷ ପରେ ବି ଫିଟୁନି ରହସ୍ୟ

- ହତ୍ୟା ମାମଲାର ତଦନ୍ତ ନ କରି ଫାଇଲ ବନ୍ଦ କରିଛି ପୋଲିସ
- ଅଭିଯୋଗ ଆସିଲେ ପୁଣି ତଦନ୍ତ ଆରମ୍ଭ ହେବ: ଏସ୍‌ଡିପିଓ

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ) ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ଲୋଚାପଡା ସେବା ସମବାୟ ସମିତି ସମ୍ପାଦକ ଡି. ଜଗନ୍ନାଥ ପାତ୍ରଙ୍କ ମୃତ୍ୟୁ ଘଟଣାର ୪ବର୍ଷ ପରେ ବି ରହସ୍ୟ ଖୋଲୁନି। ୨୦୨୦ ଜାନୁଆରୀ ୧୬ ତାରିଖରେ କାର୍ଯ୍ୟାଳୟରୁ ସମବାୟ ସମ୍ପାଦକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଜଗନ୍ନାଥଙ୍କ ସ୍ତ୍ରୀ କରିସ୍ମା ପାତ୍ର ଅଭିଯୋଗ କରିବାରୁ ତାହାକୁ ଆଧାର କରି ନଂ. ୧୭/୨୦ରେ ଏକ ହତ୍ୟା ମାମଲା ରୁଜୁ ହେଲା। ତେବେ ଏହି ଘଟଣାରେ ପୋଲିସ ତଦନ୍ତ ଆଗକୁ ନ ବଢ଼ାଇ କୋର୍ଟରେ ଫାଇନାଲ ଫର୍ମ ମଧ୍ୟ ଦାଖଲ କରିଛି। ସେଥିରେ ଦର୍ଶାଯାଇଛି 'ମିଷ୍ଟେକ ଅଫ ଫ୍ୟାକ୍ଟ' ଅର୍ଥାତ୍ ଅଭିଯୋଗପତ୍ରରେ ଯାହା ଲେଖାଯାଇଛି ତଦନ୍ତରେ ସତ୍ୟତା ଜଣାପଡୁନାହିଁ। ୨୦୨୧ ମାର୍ଚ୍ଚ ୨୩ ତାରିଖରେ ତତ୍କାଳୀନ ତଦନ୍ତ ଅଧିକାରୀ ତଥା ଇନ୍ସପେକ୍ଟର ବିଶ୍ୱନାଥ ଜାଲି ଏହି ଫାଇନାଲ ଫର୍ମ ଦାଖଲ କରିଥିଲେ। ଜଗନ୍ନାଥଙ୍କ ମୃତ୍ୟୁ ସନ୍ଦେହ ଘେରରେ ଥିବାବେଳେ ତଦନ୍ତ ଆଗକୁ ବଢ଼ି ପାରି ନ ଥିଲା। ସୋସାଇଟିରେ ଟଙ୍କା ହେରଫେର ହୋଇଥିବା ତାଙ୍କ ମୃତ୍ୟୁ ପରେ ଜଣାପଡ଼ିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ହୋଇଥିବା ସମବାୟ ଅଡିଟରେ ଲୋଚାପଡା ସୋସାଇଟି ତଥା ମିନି ବ୍ୟାଙ୍କରେ ୬ କୋଟି ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା। ଏହି ଟଙ୍କା ହେରଫେର ଘଟଣାରେ ୫ ଜଣଙ୍କ ନାମ ଆସୁଥିବାବେଳେ ଜଗନ୍ନାଥଙ୍କୁ ୬୪ ଲକ୍ଷ ୪୮ ହଜାର ୮୬୧ ଟଙ୍କା ଦେବାକୁ ପଡିବ ବୋଲି ସେ ସମୟରେ ଚର୍ଚ୍ଚା ହୋଇଥିଲା। ଏବେ ଅଡିଟ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହି ଟଙ୍କା ସେ ଏକା ହେରଫେର କରିଥିଲେ ନା ଆଉ କିଏ ହଡପ କରି ଦୋଷ ତାଙ୍କ ମୁଣ୍ଡ ଉପରେ ଲଦି ଦେଇଥିଲେ ତାହା ଠିକ ତଦନ୍ତ ହେବା ପରେ ଜଣାପଡିବ। ଅଡିଟ ପରଠାରୁ ଜଗନ୍ନାଥ ମାନସିକ ଚାପରେ ରହୁଥିଲେ। ଏ ନେଇ ସଦର ଏସଡିପିଓ ଶୁଭ୍ରାଂଶୁ ପରିଡାଙ୍କୁ ପଚାରିବାରେ ସେ କହିଛନ୍ତି ତଦନ୍ତ ସମୟରେ ଯାହାସବୁ ତଥ୍ୟ ଥିଲା ସେ ସବୁ ତଦନ୍ତ ଅଧିକାରୀ ତାଙ୍କ ରିପୋର୍ଟରେ ଦେଇଥିଲେ। ଯଦି ଏହି ଘଟଣାକୁ ନେଇ ପୁନର୍ବାର ଅଭିଯୋଗ ଉଠେ କୋର୍ଟ ନିର୍ଦ୍ଦେଶ ଦେବା ପରେ ପୁଣି ତଦନ୍ତ ହୋଇପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ଜାନୁଆରୀ ୧୬ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ଲୋଚାପଡ଼ା ସମବାୟ ସମିତିର ସମସ୍ତ କର୍ମଚାରୀ ଖାଇବା ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ସମ୍ପାଦକ ଜଗନ୍ନାଥଙ୍କୁ କୁକୁଡାଖଣ୍ଡି ଶାଖାକୁ ଯିବାର ଥିବାରୁ ସେ ବାହାରକୁ ନ ଯାଇ କର୍ମଚାରୀମାନଙ୍କୁ ଜଲଦି କାର୍ଯ୍ୟାଳୟକୁ ଫେରିବାକୁ କହିଥିଲେ। ସେଠାରେ ହଠାତ୍ ଶର୍ଟ ସର୍କିଟ ଯୋଗୁ କାର୍ଯ୍ୟାଳୟରେ ଥିବା ଏକ କମ୍ପ୍ୟୁଟର, ତାଙ୍କ ଲାପ୍‌ଟପ୍, କିଛି ଆସବାବପତ୍ର ପୋଡି ହୋଇ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ନିଆଁ ଲିଭି ସାରିଥିଲା। ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ହେଲେ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ। ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ତାଙ୍କ ସ୍ତ୍ରୀ ହତ୍ୟା ଅଭିଯୋଗ ଆଣିଥିଲେ। ଜଗନ୍ନାଥ ୮ବର୍ଷ ପୂର୍ବରୁ ଲୋଚାପଡା ସେବା ସମବାୟ ସମିତିର ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣା ଦିନ ସେ କମ୍ପ୍ୟୁଟରର ତାର ପ୍ଲଗରେ ଯୋଡ଼ିବା ସମୟରେ ଶର୍ଟସର୍କିଟ ହୋଇଥିବା ସନ୍ଦେହ କରାଯାଉଥିଲା। ଫଳରେ ପୋଡି ହୋଇ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଅନ୍ୟପକ୍ଷରେ ଅଫିସରେ ଯେଭଳି ଭାବେ ଆସବାବପତ୍ର ପୋଡିଥିଲା, ସେଥିରେ ଜଣେ ପୋଡି ହୋଇଯିବ ଏହାକୁ ଜଗନ୍ନାଥଙ୍କ ପରିବାର ଗ୍ରହଣ କରୁନାହାନ୍ତି। ଏପରିକି ଘଟଣାର କିଛି ମାସ ପୂର୍ବରୁ କେତେଜଣ ମୁଖାଧାରୀ ଯୁବକ ଘରକୁ ଯାଇ ତାଙ୍କୁ ଆକ୍ରମଣ କରିଥିବାରୁ ମୃତ୍ୟୁ ନେଇ ସନ୍ଦେହ ହେଉଛି।

